# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 14th March - 2024
### News Editor : *Tapan Kumar Moharana*
*************************************

***Desk***

# ବି.ଜେ.ପି. - ପ୍ରାର୍ଥୀ ତାଲିକା

ଆସନ୍ତା ଲୋକସଭା ନିର୍ବାଚନପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଗତକାଲି ୭୨ ଜଣିଆ ଦ୍ୱିତୀୟ ପ୍ରାର୍ଥୀ ତାଲିକାରେ ପ୍ରକାଶ ପାଇଛି । ଏହି ତାଲିକାରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, ଅନୁରାଗ ସିଂହ ଠାକୁର, ପିୟୁଷ ଗୋୟଲ, ପ୍ରହଲ୍ଲାଦ ଯୋଷୀ, ହରାୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟର୍ ସ୍ଥାନ ପାଇଛନ୍ତି । ଦ୍ୱିତୀୟ ତାଲିକାରେ ୬ ଜଣଙ୍କୁ ନୂଆକରି ପ୍ରାର୍ଥୀ କରିବାପାଇଁ ବି.ଜେ.ପି. ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ସେହିଭଳି ୧୪ ଜଣଙ୍କୁ ପୁଣି ଥରେ ଲୋକସଭା ନିର୍ବାଚନ ଲଢ଼ିବାପାଇଁ ଦଳ ନିଷ୍ପତ୍ତି ନେଇଛି । ଏହି ତାଲିକାରେ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର କୌଣସି ପ୍ରାର୍ଥୀ ନ ଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ଗତ ସପ୍ତାହରେ ବି.ଜେ.ପି. ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୯୫ ଜଣିଆ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିଲା ।

*Desk*

# ଇଲେକ୍ଟୋରାଲ ବଣ୍ଡ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ସୂଚନା ଅନୁସାରେ ୨୦୧୯ ମସିହା ଏପ୍ରିଲ୍ ପହିଲାରୁ ୨୦୨୪ ମସିହା ଫେବୃୟାରୀ ୧୫ ତାରିଖ ମଧ୍ୟରେ ମୋଟ୍ ୨୨ ହଜାର ୨୧୭ ଇଲେକ୍ଟୋରାଲ୍ ବଣ୍ଡ କିଣାଯାଇଛି । ଏଥିମଧ୍ୟରୁ ୨୨ ହଜାର ୩୦ ବଣ୍ଡ୍‌ର ଟଙ୍କା ରାଜନୈତିକ ଦଳଗୁଡ଼ିକ ନଗଦରେ ପରିଣତ କରିଛନ୍ତି ବୋଲି ଷ୍ଟେଟ୍ ବ୍ୟାଙ୍କ୍‌ର ଅଧ୍ୟକ୍ଷ ଦୀନେଶ କୁମାର ଖାରା ସତ୍ୟପାଠ ଜରିଆରେ ସୁପ୍ରିମ୍‌କୋର୍ଟଙ୍କୁ ଜଣାଇଛନ୍ତି । ସୂଚନାଯୋଗ୍ୟ, ଆସନ୍ତାକାଲି ସନ୍ଧ୍ୟା ୫ଟା ସୁଦ୍ଧା ନିର୍ବାଚନ କମିଶନ୍‌ଙ୍କ ୱେବ୍‌ସାଇଟ୍‌ରେ ଏସ୍.ବି.ଆଇ. ଦେଇଥିବା ଇଲେକ୍ଟୋରାଲ୍ ବଣ୍ଡ ସମ୍ପର୍କିତ ସମସ୍ତ ତଥ୍ୟ ଉପଲବ୍ଧ କରାଇବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

*Desk*

# ପେ-ଟି.ଏମ୍. ପେମେଣ୍ଟ ବ୍ୟାଙ୍କ୍

ପେ-ଟି.ଏମ୍. ଫାସ୍‌ଟ୍ୟାଗ୍‌ରେ ଆସନ୍ତାକାଲି ପରଠାରୁ ଅଚଳ ହୋଇଯିବ । ଏହାପୂର୍ବରୁ ବ୍ୟବହାରକାରୀଙ୍କୁ ଫାସ୍‌ଟ୍ୟାଗ୍ ପରିବର୍ତ୍ତନ କରିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏଥିସହିତ ପ୍ରାଧିକରଣ ପକ୍ଷରୁ ଫାସ୍‌ଟ୍ୟାଗ୍ ଜାରି କରୁଥିବା ବ୍ୟାଙ୍କ୍‌ଗୁଡ଼ିକର ଏକ ତାଲିକା ମଧ୍ୟ ଜାରି କରାଯାଇଛି । ପେ-ଟି.ଏମ୍. ପେମେଣ୍ଟ ବ୍ୟାଙ୍କ୍ ଭାରତୀୟ

ରିଜର୍ଭ ବ୍ୟାଙ୍କ୍‌ର ନିୟମ ଅବମାନନା କରିଥିବାରୁ ଆସନ୍ତାକାଲିଠାରୁ ବ୍ୟାଙ୍କ୍‌ର ବ୍ୟବସାୟ ଉପରେ କଟକଣା ଲଗାଯାଉଛି ।

***Desk***

## ଶିମିଳିପାଳ ସୁରକ୍ଷା

ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବମଣ୍ଡଳ ଭାବେ ପରିଚିତ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ଉପଗ୍ରହ ଭି-ସାଟ୍ ନିରୀକ୍ଷଣରେ ରଖାଯିବ । ଏଥିପାଇଁ ବନବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଉଛି ବୋଲି ରାଜ୍ୟ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁଶାନ୍ତ କୁମାର ନନ୍ଦ ସୂଚନା ଦେଇଛନ୍ତି । ଅଭୟାରଣ୍ୟର କେତେକ ଅଞ୍ଚଳରେ ମୋବାଇଲ୍ ନେଟ୍‌ୱାର୍କ ଠିକ୍ ଭାବେ ପହଞ୍ଚିପାରୁ ନ ଥିବାରୁ ସେଠାରେ ସ୍ୱତନ୍ତ୍ର VOIP ଫୋନ୍‌ର ବ୍ୟବସ୍ଥା କରାଯିବ । ଏହାଦ୍ୱାରା ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ଦୃଷ୍ଟି ରଖାଯିବା ସହ ଶିକାରୀଙ୍କ କ୍ଷେତ୍ରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି ।

***Desk***

## ଅଲିଭ୍ ରିଡ୍‌ଲେ

ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ କରୁଥିବା ସମସ୍ତ ଉପକୂଳବର୍ତ୍ତୀ ଅଞ୍ଚଳକୁ ସାଧାରଣ ଲୋକଙ୍କ ଯିବାଆସିବା ଉପରେ ବନବିଭାଗ ପକ୍ଷରୁ

କଟକଣା ଜାରି କରାଯାଇଛି । ଋଷିକୁଲ୍ୟ, ଗହୀରମଥା ଓ ଦେବୀ ମୁହାଣରେ ବିରଳ ପ୍ରଜାତିର କଇଁଛ ଅଣ୍ଡାଦାନ କରିଥା'ନ୍ତି । ସୂଚନାଯୋଗ୍ୟ, ଅଲିଭ୍ ରିଡ୍ଲେ କଇଁଛଙ୍କ ସୁରକ୍ଷା ଓ ସେମାନଙ୍କ ଅଣ୍ଡାଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି ନ କରିବାପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି । ଅଣ୍ଡାଦାନ ଚିହ୍ନଟ ଅଞ୍ଚଳଗୁଡ଼ିକରେ ମାଛଧରିବା ଉପରେ କଟକଣା ଲଗାଇବା ସହିତ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

*Desk*

## ବଲାଙ୍ଗିର ଇଣ୍ଟରସିଟି ଏକ୍ସପ୍ରେସ୍

ଭୁବନେଶ୍ୱର-ବଲାଙ୍ଗିର-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍‌କୁ ଉଭୟ ପାର୍ଶ୍ୱରୁ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଛି । ପୂର୍ବତଟ ରେଳବାଇର ସୂଚନା ଅନୁସାରେ ଆଜିଠାରୁ ଅପରାହ୍ନ ଗୋଟାଏରେ ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍ ସୁବର୍ଣ୍ଣପୁରରୁ ଯାତ୍ରା ଆରମ୍ଭ କରି ରାତି ୯ଟା ୪୫ରେ ଭୁବନେଶ୍ୱରରେ ପହଞ୍ଚିବ । ସେହିଭଳି ଆସନ୍ତାକାଲିଠାରୁ ଭୁବନେଶ୍ୱରରୁ ଟ୍ରେନ୍ ସୁବର୍ଣ୍ଣପୁର ଅଭିମୁଖେ ଯାତ୍ରା କରିବ । ସୂଚନା ଅନୁସାରେ ଭୁବନେଶ୍ୱର ଏବଂ ବଲାଙ୍ଗିର ମଧ୍ୟରେ ରହଣି ଏବଂ ସମୟରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ବଲାଙ୍ଗିର ଏବଂ ସୁବର୍ଣ୍ଣପୁର ମଧ୍ୟରେ ଏହି ଟ୍ରେନ୍ ବିଛୁପାଲି, ଝରତରଭା ଏବଂ ନରସିଂହଗଡ଼ ଷ୍ଟେସନରେ ରହଣି କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି ।

*Desk*

# ହୋଲି - ସ୍ୱତନ୍ତ୍ର ଟ୍ରେନ୍

ହୋଲି ଉତ୍ସବ ସମୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବାପାଇଁ ପୂର୍ବତଟ ରେଳବାଇ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏଥିସହିତ ପୂର୍ବରୁ ଚଳାଚଳ କରୁଥିବା କେତେକ ସ୍ୱତନ୍ତ୍ର ଟ୍ରେନ୍‌ର ସେବାକୁ ମଧ୍ୟ ବର୍ଦ୍ଧିତ କରାଯାଇଛି । ସମ୍ବଲପୁର-ପୁନେ, ପୁରୀ-ପାଟନା ଏବଂ ପୁରୀ-ନିଜାମୁଦ୍ଦିନ୍ ହୋଲି ସ୍ୱତନ୍ତ୍ର ଟ୍ରେନ୍ ଚାଲିବ ।

*Desk*

# ଜି.ଏସ୍.ଟି. ବିକଳ୍ପ

ଯେଉଁ ଟିକସଦାତାମାନେ ହାରାହାରି ବାର୍ଷିକ କାରବାର ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ରହିଛି, ସେମାନେ ଆସନ୍ତା ଆର୍ଥିକ ବର୍ଷ ୨୦୨୪-୨୫ ନିମନ୍ତେ ଜି.ଏସ୍.ଟି. କମ୍ପୋଜିସନ୍ ଯୋଜନାର ବିକଳ୍ପ ଭାବେ ଚଳିତ ମାସ ଶେଷ ତାରିଖ ସୁଧା ବାଛିପାରିବେ । ଯୋଗ୍ୟ ଟିକସଦାତା, ଯେଉଁମାନେ କମ୍ପୋଜିସନ ଯୋଜନାରେ ଲାଭ ଉଠାଇବାକୁ ଚାହାନ୍ତି, ସେମାନେ ଜି.ଏସ୍.ଟି. ପୋର୍ଟାଲ୍‌ରେ କମ୍ପୋଜିସନ ଯୋଜନାର ବିକଳ୍ପ ବାଛିପାରିବେ ।

*Desk*

# ବିଶ୍ୱ କିଡ୍‌ନୀ ଦିବସ

ଆଜି ବିଶ୍ୱ କିଡ୍‌ନୀ ଦିବସ । କିଡ୍‌ନୀର ସ୍ୱାସ୍ଥ୍ୟ ଏବଂ ଏହାର ସ୍ୱାଭାବିକ କାର୍ଯ୍ୟକୁ ପ୍ରଭାବିତ କରୁଥିବା ବିଭିନ୍ନ ରୋଗ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସର ଦ୍ୱିତୀୟ ଗୁରୁବାର ଦିନ ଏହି ଦିବସ ପାଳନ କରାଯାଇଥାଏ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'କିଡ୍‌ନୀ ସ୍ୱାସ୍ଥ୍ୟ ଓ ଏହାର ଯତ୍ନ' । କିଡ୍‌ନୀ ହେଉଛି ଶରୀରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରି ଏହାକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କିଡ୍‌ନୀ ଜନିତ ରୋଗରେ ଗୋଡ଼ ଫୁଲିବା, ଉଚ୍ଚ ରକ୍ତଚାପ, କମ୍ ହିମୋଗ୍ଲୋବିନ୍ ଏବଂ ହାଡ଼ ଦୁର୍ବଳ ହେବା ଭଳି ଲକ୍ଷଣ ଦେଖାଦେଇଥାଏ । କିଡ୍‌ନୀ ରୋଗରୁ ରକ୍ଷା ପାଇବା ପାଇଁ ନିୟମିତ ଶାରୀରିକ ବ୍ୟାୟାମ, ସନ୍ତୁଳିତ ଆହାର, ଓଜନ ନିୟନ୍ତ୍ରଣ ଏବଂ କମ୍ ଲୁଣ ସେବନ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ ଅଟେ ।

*****